# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 September– 2026**

# ମୁଖ୍ୟମନ୍ତ୍ରୀ-ଦୁବାଇ

ମୁଖ୍ୟମନ୍ତ୍ରୀଙ୍କର ବିଦେଶ ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ପୁଞ୍ଜି ନିବେଶ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଦୁବାଇଠାରେ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ, ନିବେଶକ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଓଡ଼ିଶା ଓ ଦୁବାଇ ମଧ୍ୟରେ ଆର୍ଥିକ ସଂପର୍କକୁ ସୁଦୃଢ଼ କରିବା ସହିତ ଭିତ୍ତିଭୂମି, ନିବେଶ, ଶକ୍ତି କ୍ଷେତ୍ରରେ ଅଧିକ ସହଭାଗିତା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍‌ସ ଗସ୍ତ ପରେ ଗତକାଲି ସଂଧ୍ୟାରେ ଦୁବାଇରେ ପହଞ୍ଚିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତର ପ୍ରଥମ ଦିନରେ ଗତକାଲି ଆବୁଧାବିଠାରେ ଉଚ୍ଚସ୍ତରୀୟ ନିବେଶ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦୁବାଇ ଓ ସଂଯୁକ୍ତ ଆରବ ଏମିରେଟ୍‌ସର ସହଯୋଗରେ ଓଡ଼ିଶାରେ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୂତନ ସୁଯୋଗ ସନ୍ଧାନ କରିବା ନେଇ ଗତକାଲିଠାରୁ ଆସନ୍ତାକାଲି ପର୍ଯ୍ୟନ୍ତ ୩ ଦିନିଆ ଗସ୍ତରେ ମୁଖ୍ୟମନ୍ତ୍ରୀ ଯାଇଛନ୍ତି । ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆବୁଧାବିଠାରେ ବିଭିନ୍ନ ଶିଳ୍ପପତିଙ୍କ ସହ ଶିଳ୍ପ ପ୍ରତିଷ୍ଠା ନେଇ ୨ଲକ୍ଷ ୧୦ହଜାର ୫୦୦ କୋଟି ଟଙ୍କାର ଓଡ଼ିଶାରେ ନିବେଶ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି ।

# ଧନ୍ଦାମୂଳକ ପାଠ୍ୟକ୍ରମ ସାମିଲ

ରାଜ୍ୟରେ ଯୁକ୍ତ ୨ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଉ ୨ଟି ଧନ୍ଦାମୂଳକ ପାଠ୍ୟକ୍ରମକୁ ସାମିଲ କରାଯାଇଛି । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ନିମନ୍ତେ ସ୍ୱାସ୍ଥ୍ୟସେବା ଏବଂ ଆପାରେଲ୍ସକୁ ନୂତନ ବିଷୟଭାବେ ଅନୁମୋଦନ ମିଳିଛି । ଏହି ପାଠ୍ୟକ୍ରମକୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

# ଏସ୍ଆଇଆର୍

କେନ୍ଦ୍ରାପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ-ଏସ୍ଆଇଆର୍ ୨୦୨୬ର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନର ସମୀକ୍ଷା ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ କରିଛନ୍ତି । ଗସ୍ତ ସମୟରେ ଶ୍ରୀ ପାଟିଲ  ବଡମୂଳବସନ୍ତ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନମ୍ବର ୪୯ ଓ ୫୦ ସମେତ ଅନ୍ୟାନ୍ୟ ବୁଥର ପରିଦର୍ଶନ କରିଥିଲେ । ଏହି ଅବସରରେ ଶ୍ରୀ ପାଟିଲ, ବୁଥ୍ସ୍ତରୀୟ ଅଧିକାରୀ, ବିଏଲ୍ଓ ସୁପର ଭାଇଜର, ବୁଥ୍ସ୍ତରୀୟ ଏଜେଣ୍ଟ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସହ ଏସ୍ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।

# ଲୋକ ଅଦାଲତ

ମାଲକାନଗିରି ଜିଲ୍ଲାରେ ଆସନ୍ତା ଶନିବାର ୧୨ତାରିଖ ଦିନ ସିଭିଲକୋର୍ଟ ପରିସରରେ ତୃତୀୟ ଜାତୀୟ ଲୋକଅଦାଲତ ଅନୁଷ୍ଠିତ ହେବ । ଲୋକଅଦାଲତରେ ବିଭିନ୍ନ ବିବାଦ ଗୁଡ଼ିକର ଅଦାଲତ ବାହାରେ ଆପୋଷ ବୁଝାମଣା ଏବଂ ସହମତି ଭିତ୍ତିରେ ବିଭିନ୍ନ ବିବାଦ ଗୁଡ଼ିକର ସମାଧାନ କରାଯିବ । ଏଥିରେ ମୁଖ୍ୟତଃ ଦେଓ୍ୱାନି ମାମଲା, ଫୌଜଦାରୀ ମାମଲା, ବୈବାହିକ ବିବାଦ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କ ଋଣ ସମ୍ପର୍କିତ ମାମଲା ସହିତ ଅନ୍ୟାନ୍ୟ ମାମଲାର ବିଚାର କରାଯିବ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

# ସଡ଼କ ସୁରକ୍ଷା କମିଟି ବୈଠକ

ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ୫୨ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଦୁର୍ଘଟଣା ହ୍ରାସ କରିବା, ଟ୍ରାଫିକ ନିୟମର କଡ଼ାକଡ଼ିଭାବେ ଅନୁପାଳନ କରିବା ସହିତ ସଡ଼କ ସୁରକ୍ଷା ଉପରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରାଯାଇଥିଲା ।

## ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର ଉପଜିଲ୍ଲାପାଳ ସୌମ୍ୟାରୂପା ରଥଙ୍କ ଅଧ୍ୟକ୍ଷତାରେ ମହାବଳୀ ଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ସବୁ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଓ ସହଯୋଗ ଉପରେ ଉପଜିଲ୍ଲାପାଳ ଡକ୍ଟର ରଥ ଗୁରୁତ୍ୱାରୋପ କରିଥିଲେ ।

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି ।  ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା ।** ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଭାଗିତାରେ ଗତ ୨୦୦୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।

## ହାତୀ ମୃତ୍ୟୁ

ରାୟଗଡା ଜିଲ୍ଲା ମୁନିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବୃନ୍ଦାବାଡି ନିକଟରେ ଟ୍ରେନ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିବା ଜଣାପଡିଛି । ଚାଟିକଣା-ଥେରୁଓ୍ୱାଲି ରେଳଷ୍ଟେସନ ମଧ୍ୟରେ ବୃନ୍ଦାବାଡି ନିକଟ ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ୍‌ଟି ଧକ୍କା ଦେବାରୁ ହାତୀଟିର ମୃତ୍ୟୁ ହୋଇଥିବା

ଜଣାପଡିଛି । ବନବିଭାଗ ପକ୍ଷରୁ ଘଟଣାସ୍ଥଳରେ ଅନୁସନ୍ଧାନ ଜାରି ରହିଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ସଂଲଗ୍ନ ବାଂଲାଦେଶ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ସମୁଦ୍ରପତନଠାରୁ ପ୍ରାୟ ୫ ଦଶମିକ ୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ଆଜି ଉତ୍ତର ବଙ୍ଗୋପସାଗର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ଶନିବାର ୧୨ ତାରିଖ ଯାଏଁ ଘଡଘଡି ବିଜୁଳି ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।